ସୂର୍ଯ୍ୟପ୍ରଭା
SURYAPRAVA

16th July, 2019

# ଆଇଆଇଟିରେ ରାଜ୍ୟପାଳ

॥ ପ୍ରଭାନ୍ୟୁଜ ॥ କଟଣୀ, ୧୫।୭: କଟଣୀ ଅରଗୁଳସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଆଇଆଇଟିର ସ୍ଥାୟୀ କ୍ୟାମ୍ପସ ପରିସରରେ ଛାତ୍ରଛାତ୍ରୀଙ୍କ ନିମନ୍ତେ



ଦୁଇଟି ଛାତ୍ରାବାସ ଓଡିଶାର ମହାମାନ୍ୟ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲଙ୍କ କରକମଳରେ ଉଦଘାଟିତ ହୋଇଯାଇଛି । ଛାତ୍ରଙ୍କ ନିମନ୍ତେ ଉଦ୍ଦିଷ୍ଟ ଛାତ୍ରବାସଟି କ୍ଷମତା ୮୦୦ହୋଇଥିବା ବେଳେ ଛାତ୍ରୀଙ୍କ ନିବାସ ଗଙ୍ଗାହଲ ଅଫ ରେସିଡେନ୍ସିର କ୍ଷମତା ୪୦୦ଥିବା ଆଇଆଇଟି ନିର୍ଦ୍ଦେଶକ ରତ୍ନବ ବରଦା ରାଜକୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମହାମହୀମ ରାଜ୍ୟପାଳ ଗଣେଶୀ ଲାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ  ପୁରାଣ ଯୁଗରୁ ଆଧୁନିକ ଯୁଗ ବାବଦରେ ଉଦବୋଧନ ଦେଇଥିଲେ । ସେହିପରି ଅନ୍ୟମାନଙ୍କ ମଧ୍ୟରେ ଷ୍ଟୁଡେଣ୍ଟ ଆଫେୟାର ଡିନ ଭିଆର ପେଡିରେଡ୍ଡୀ, ରେଜିଷ୍ଟ୍ରାର ଡ. ସୁବୋଧ କୁମାର, ଡ. ସାନ୍ତାନୁ ପାଲ, ଡ ଦୀନଙ୍କର ଓ ଏନବିସିସିର ଜେନେରାଲ ମ୍ୟାନେଜର ମୁଣି ପ୍ରମୁଖ ଯୋଗ ଦେଇଥିଲେ ।